# ଚକ୍ଷୁ, ଦନ୍ତ ଚିକିତ୍ସା ଶିବିର

ଚନ୍ଦ୍ରଶେଖରପୁର, ୨୬।୧୧ (ଡି.ଏନ୍.ଏ.): ସମ୍ବିଧାନ ଦିବସ ଉପଲକ୍ଷେ ରବିବାର ୱାର୍ଡ ନଂ. ୨ର ଶିଖରଚଣ୍ଡୀ ନଗର ପ୍ରାଥମିକ ବିଦ୍ୟାଳୟରେ ନଗର ବିଜୁସେନା ତରଫରୁ ପ୍ରାୟ ୩ଶହ ଲୋକଙ୍କ ମାଗଣା ଚକ୍ଷୁ, ଦନ୍ତ ଚିକିତ୍ସା କରାଯାଇଥିଲା। କାର୍ଯ୍ୟକ୍ରମରେ କଳିଙ୍ଗ କୁସୁମ ଫାଉଣ୍ଡେଶନ ସହ ଦୁଇଟି ଘରୋଇ ହସ୍ପିଟାଲର ଡାକ୍ତର, କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ସୁଜିତ କୁମାର ଯୋଗଦେଇଥିଲେ।